بسم الله الرحمن الرحيم

**ଖୁତ୍‌ବା ଜୁମା ୧୭ ମାର୍ଚ୍ଚ ୨୦୨୩ର ସାରାଂଶ**
**ସ୍ଥାନ-ମସ୍‌ଜିଦ୍ ମୁବାରକ, ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ୍ (ୟୁ.କେ)**

## ପବିତ୍ର ମହାତ୍ମା ହ. ମସିହ୍ ମଉଦ୍ (ପ୍ରତିଶ୍ରୁତ ମସିହ୍ ଅ.ସ)ଙ୍କ ବ୍ରହ୍ମଜ୍ଞାନ ସମ୍ପନ୍ନ ଉପଦେଶାବଳୀ ପ୍ରକାଶରେ ପବିତ୍ର କୁରଆନ୍ କରୀମ୍‌ର ମାହାତ୍ମ୍ୟ, ମର୍ଯ୍ୟାଦା ଓ ଶ୍ରେଷ୍ଠତାର ବର୍ଣ୍ଣନା । ପାକିସ୍ତାନ, ବୁର୍କିନାଫାସୋ ଓ ବାଂଲାଦେଶର ଅହେମଦିମାନଙ୍କ ନିମନ୍ତେ ହୁଜୁର ଅନ୍‌ୱର୍ ଅ.ବଙ୍କ ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଦୁଆ କରିବାକୁ ପୁନଃ ଆହ୍ୱାନ ।

**ଅଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ। ଅମ୍ମା ବାଦ୍‌ଫାଉଜୁ ବିଲ୍ଲାଃହି ମିନଶ୍ ଶୈତାନ୍ ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍ ରହ୍‌ମାନ୍ ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମାନ୍ ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଅଲୈହିମ୍ ୱଲଜ୍ଵାଲ୍‌ଲିନ୍ ।**

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କହିଲେ; ବିଗତ କିଛି ସପ୍ତାହ ଧରି ପବିତ୍ର କୁରଆନ୍ କରୀମ୍‌ର ସୌନ୍ଦର୍ଯ୍ୟ ଏବଂ ସୁଗୁଣାବଳୀର ଚର୍ଚ୍ଚା ଚାଲିଛି, ସେହି କ୍ରମରେ ଏହାର ଅବଶିଷ୍ଟାଂଶ ବର୍ଣ୍ଣନା କରିବି । ପବିତ୍ର କୁରଆନ୍ କରୀମ୍ ନିକଟରେ ଧର୍ମର କ'ଣ ପ୍ରାସଙ୍ଗିକତା ଓ ମହତ୍ତ୍ୱ ରହିଛି ? ମାନବିକ ସାମର୍ଥ୍ୟ କେତେଦୂର ପର୍ଯ୍ୟନ୍ତ ଉକ୍ତ ମହୋପକାର ଏବଂ ସୁଗୁଣାବଳୀକୁ କିପରି ବିନିଯୋଗ କରିପାରିବ ଏବଂ କିପରି ଏହାର ସଦୁପଯୋଗ କରିବା ଉଚିତ ? ତତ୍‌ସଂପର୍କରେ ବର୍ଣ୍ଣନା କରି ହ. ମସିହ୍ ମଉଦ୍ ଅ.ସ କୁହନ୍ତି, ଇହୁଦୀମାନଙ୍କର ଧର୍ମଗ୍ରନ୍ଥ ଇଞ୍ଜିଲ୍ ଉକ୍ତ ପ୍ରଶ୍ନର କୌଣସି ଉତ୍ତର ପ୍ରଦାନ କରି ନାହିଁ । କାରଣ ଇଞ୍ଜିଲ୍ ବ୍ରହ୍ମଜ୍ଞାନର ମାର୍ଗ ଠାରୁ ବହୁ ଦୂରରେ ଅବସ୍ଥିତ । କିନ୍ତୁ ପବିତ୍ର କୁରଆନ୍ କରୀମ୍ ସମ୍ୟକ ଭାବରେ ବାରମ୍ବାର ଉକ୍ତ ସମସ୍ୟାର ସମାଧାନ କରିଥାଏ । ଧର୍ମରେ ଏହି ଉଦ୍ଦେଶ୍ୟ ନୁହେଁ ଯେ, ମାନବିକ ସ୍ୱଭାବକୁ ପରିବର୍ତ୍ତନ କରୁ ଏବଂ ହେଟାବାଘକୁ ଛେଳୀରେ ପରିଣତ କରି ଦେଖାଉ ! ଅର୍ଥାତ ଶକ୍ତିଶାଳୀକୁ ଦୁର୍ବଳ ବ୍ୟକ୍ତିରେ ପରିଣତ କରି ଦେଖାଇ ଦେଉ । ଧର୍ମର ଉଦ୍ଦେଶ୍ୟ ଏବଂ ଅଭିପ୍ରାୟ ହେଲା ମନୁଷ୍ୟ ମଧ୍ୟରେ ସ୍ୱାଭାବତଃ ଯେଉଁ ଶକ୍ତି ଏବଂ ଦକ୍ଷତା ନିହିତ ରହିଛି ତାହାକୁ ଉଚିତ ସ୍ଥାନ ଓ ଯଥା ସମୟରେ ମାର୍ଗ ଦର୍ଶକ ରୂପେ ବିନିଯୋଗ କରୁ । ଧର୍ମର ଏହି ଅଧିକାର ତଥା ସ୍ୱାଧୀନତା ନାହିଁ ଯେ, କୌଣସି ସ୍ୱାଭାବିକ ଶକ୍ତିକୁ ପରିବର୍ତ୍ତନ କରିଦେବ ତାହା ନୁହେଁ, ବରଂ ଧର୍ମ ମନୁଷ୍ୟ ମଧ୍ୟରେ ଥିବା ସାମର୍ଥ୍ୟ ତଥା ଦକ୍ଷତାକୁ ଯଥା ସ୍ଥାନରେ ବିନିଯୋଗ କରିବା ନିମନ୍ତେ ମାର୍ଗଦର୍ଶନ ଓ ଅନୁପ୍ରାଣିତ କରିଥାଏ । କେବଳ ଗୋଟିଏ ଶକ୍ତି ଉପରେ ବଳ ପ୍ରୟୋଗ ନକରି ବରଂ ସମସ୍ତ ଶକ୍ତି ଓ ସାମର୍ଥ୍ୟକୁ ବିନିଯୋଗ କରିବା ନିମନ୍ତେ ତାଗିଦ୍ କରୁ। ହୁଜୁର ଅ.ସ କହିଲେ ଧର୍ମର ପ୍ରକୃତ ଅଭିପ୍ରାୟ ହେଲା ସଂଶୋଧନ ଏବଂ ଅଭିବୃଦ୍ଧି । ଉକ୍ତ ଅଭିପ୍ରାୟଟି ଯେକୌଣସି ମତେ ସଂପୂର୍ଣ୍ଣ ହୋଇପାରିବ ସେଥି ନିମନ୍ତେ ଉଦ୍ୟମ କରିବା ଉଚିତ ।

ହ. ମସିହ୍ ମଉଦ୍ ଅ.ସ କୁହନ୍ତି, ଉକ୍ତ କଥାଟି ବାସ୍ତବରେ ସତ୍ୟ ଯେ, ମୁସଲମାନମାନେ ଆଦୌ କୁରଆନ୍‌କୁ ବୁଝନ୍ତି ନାହିଁ। କିନ୍ତୁ ବର୍ତ୍ତମାନ ପ୍ରଭୁ ଏହି ଇଚ୍ଛା ପ୍ରକାଶ କରିଛନ୍ତି ଯେ, କୁରଆନ୍‌ର ସଠିକ୍ ଅର୍ଥ ପ୍ରକାଶିତ ହେଉ । ପ୍ରଭୁ ମୋତେ ଏଇଥିପାଇଁ ନିଯୁକ୍ତ କରିଛନ୍ତି ଏବଂ ମୁଁ ତାହାଙ୍କ ଦ୍ୱାରା ପ୍ରାପ୍ତ ଦୈବୀବାଣୀ ଓ ଐଶୀବାଣୀ ମାଧ୍ୟମରେ ପବିତ୍ର କୁରଆନ୍‌କୁ ହୃଦୟଙ୍ଗମ କରୁଛି । କୁରଆନ୍‌ର ଶିକ୍ଷା ହେଉଛି ଏହିଭଳି ଏକ ଶିକ୍ଷା ଯାହା ଉପରେ କୌଣସି ବ୍ୟକ୍ତି ଆପତ୍ତି କରିପାରିବ ନାହିଁ । ଏହା ସିଦ୍ଧାନ୍ତ ଦ୍ୱାରା ପରିପୂର୍ଣ୍ଣ ଅଟେ । ଫଳତଃ ଜଣେ ଦାର୍ଶନିକକୁ ମଧ୍ୟ ଏହା ଉପରେ ଆପତ୍ତି କରିବାର କୌଣସି ସୁଯୋଗ ମଧ୍ୟ ମିଳି ନଥାଏ । ପୁନଶ୍ଚ ପବିତ୍ର କୁରଆନ୍‌ର ମାହାତ୍ମ୍ୟତା, ଶ୍ରେଷ୍ଠତା ସଂପର୍କରେ ବର୍ଣ୍ଣନା କରି ଆପଣ ଅ.ସ ଜମାଅତ୍‌ର ସଦସ୍ୟ ବୃନ୍ଦଙ୍କୁ ଉପଦେଶ ଦେଇ କୁହନ୍ତି, ପବିତ୍ର କୁରଆନ୍ କରୀମ୍ ଉପରେ ଧ୍ୟାନପୂର୍ବକ ଚିନ୍ତା କର । ତହିଁରେ ପୁଣ୍ୟାବଳୀ ଏବଂ ଅପକର୍ମର ସବିଶେଷ ବିବରଣୀ ଉଲ୍ଲେଖ ରହିଛି ଏବଂ ଭବିଷ୍ୟ କାଳର ସୂଚନା ମଧ୍ୟ ତହିଁରେ ଉଲ୍ଲେଖ ରହିଛି । ପବିତ୍ର କୁରଆନ୍ ସେହି ଧର୍ମକୁ ଉପସ୍ଥାପିତ କରିଥାଏ ଯାହା ଉପରେ କୌଣସି ଆପତ୍ତି ହୋଇପାରିବ ନାହିଁ । କାରଣ ଇସ୍‌ଲାମ୍ ଧର୍ମ ଓ ପବିତ୍ର କୁରଆନ୍‌ରୁ ସଦ୍ୟତମ କଲ୍ୟାଣ ଓ ଫଳଶ୍ରୁତି ହିଁ ପ୍ରାପ୍ତ ହୋଇଥାଏ । ଏହି ଗୌରବ କେବଳ ପବିତ୍ର କୁରଆନ୍‌କୁ ହିଁ ପ୍ରାପ୍ତ ହୋଇଅଛି ଯେ, ଅଲ୍ଲାଃତାଲା ପବିତ୍ର କୁରଆନ୍‌ରେ ସକଳ ପ୍ରକାରର ରୋଗ ଓ ତା'ର ଚିକିତ୍ସା ସଂପର୍କରେ ଚର୍ଚ୍ଚା ରହିଛି, ପବିତ୍ର

କୁରଆନ୍ ସମସ୍ତ ଶକ୍ତିର ସଂସ୍କାର କରିଛି ଏବଂ ମନୁଷ୍ୟ ଦ୍ୱାରା ଯେଉଁ ପାପ ଓ ମନ୍ଦ କର୍ମ ସମ୍ପାଦିତ ହୋଇଥାଏ ତାହାକୁ ଦୂରୀଭୂତ କରିବାର ପନ୍ଥା ମଧ୍ୟ ତହିଁରେ ଦର୍ଶାଇ ଦିଆଯାଇଛି । ଅତଏବ ପବିତ୍ର କୁରଆନ୍‌ର ଆବୃତ୍ତି କରୁଥାଅ, ଦୁଆ କରୁଥାଅ ଏବଂ ନିଜର ଚାଲି ଚଳଣ ଓ ଆଚାର ବ୍ୟବହାରକୁ ପବିତ୍ର କୁରଆନ୍‌ର ଶିକ୍ଷା ଅନୁଯାୟୀ କର ।

ପବିତ୍ର କୁରଆନ ଉପରେ ଧ୍ୟାନ ଦେବା ପ୍ରତି ଦୃଷ୍ଟି ଆକର୍ଷଣ କରି ଆପଣ ଅ.ସ କହିଲେ : ପ୍ରଥା ପରମ୍ପରା ଏବଂ ନୂତନ ଆହୃତ ରୀତି ଠାରୁ ଦୂରେଇ ରହିବା ଅଧିକ ଶ୍ରେୟସ୍କର ଅଟେ । କାରଣ ଏହି ପ୍ରଥା ଓ ନୂତନ ଆହୃତ ରୀତି ଦ୍ୱାରା ଧର୍ମ ବିଧାନରେ କ୍ରମଶଃ ପରିବର୍ତ୍ତନ ଓ ସ୍ଖଳନ ଆରମ୍ଭ ହୋଇଯାଇଥାଏ । ତେଣୁ ବ୍ୟକ୍ତି ପକ୍ଷେ ଏହା ଅଧିକ ଶ୍ରେୟସ୍କର ହେବ ଯେ, ସେ ଏହିଭଳି ମନ୍ତ୍ରଗାନ ବା ଯଶୋଗାନରେ ନିଜର ସମୟକୁ ଅତିବାହିତ କରିବା ଅପେକ୍ଷା ସେହି ସମୟକୁ ସେ ପବିତ୍ର କୁରଆନ୍ ଉପରେ ଧ୍ୟାନ କେନ୍ଦ୍ରିତ କରି ଅତିବହିତ କରୁ । ହୁଜୁର ଅନୱର ଅ.ବ କହିଲେ, ଆମମାନଙ୍କୁ ନୂତନ ଆହୃତ ରୀତି ଠାରୁ ବର୍ତ୍ତିବା ଉଚିତ ଏବଂ ପବିତ୍ର କୁରଆନ୍‌ର ଅନୁବାଦ ତଥା ତାହାର ବ୍ୟାଖ୍ୟା ପାଠ କରିବା ପ୍ରତି ଧ୍ୟାନ ଦେବା ଉଚିତ । ହୁଜୁର ଅନୱର୍ ଅ.ବ କହିଲେ, ଆସନ୍ତା ସପ୍ତାହ ଠାରୁ ରମ୍‌ଜାନ୍ ଆରମ୍ଭ ହେଉଅଛି । ଅତଃ ଉକ୍ତ ମାସରେ ଆମମାନଙ୍କୁ ବିଶେଷ ରୂପେ ପବିତ୍ର କୁରଆନ୍ ପାଠ କରିବା ସହିତ ଅନ୍ୟମାନଙ୍କୁ ପଢାଇବା, ତଥା ବୁଝିବା ପ୍ରତି ମନଯୋଗ କରିବା ଉଚିତ । ହ. ମସିହ୍ ମଉଦ୍ ଅ.ସ କହୁନ୍ତି ହୃଦୟର କଠୋରତାକୁ କୋମଳ କରିବା ନିମନ୍ତେ ଏହା ହିଁ ସର୍ବୋତ୍ତମ ମାର୍ଗ ଅଟେ । ଅର୍ଥାତ ପବିତ୍ର କୁରଆନ୍ କରୀମ୍‌କୁ ବାରମ୍ବାର ପାଠ କରିବା ଉଚିତ । ଯେଉଁ ଯେଉଁଠି ଦୁଆ ହୋଇଥାଏ ସେଠାରେ ବିଶ୍ୱାସକାରୀର ମନ ମଧ୍ୟ ଏହା ଚାହିଁଥାଏ ଯେ, ପ୍ରଭୁଙ୍କ ଉକ୍ତ ଐଶୀ କୃପା ମୋ ଉପରେ ମଧ୍ୟ ଅବତୀର୍ଣ୍ଣ ହେଉ । ପବିତ୍ର କୁରଆନ୍‌ର ଉଦାହରଣ ଏକ ଉଦ୍ୟାନ ସଦୃଶ । ଅର୍ଥାତ ବିଶ୍ୱାସକାରୀ ଧର୍ମପରାୟଣ ବ୍ୟକ୍ତି ବାଟରେ ଚାଲୁ ଚାଲୁ ଗୋଟିଏ ସ୍ଥାନରୁ ପୁଷ୍ପ ସଂଗ୍ରହ କରିଥାଏ ଏବଂ ପୁନଶ୍ଚ ଆଉ ଟିକିଏ ଆଗକୁ ଚାଲି ଅନ୍ୟ ପ୍ରକାରର ପୁଷ୍ପ ସଂଗ୍ରହ କରିଥାଏ । ଅତଃ ବିଶ୍ୱାସକାରୀ ଧର୍ମପରାୟଣ ବ୍ୟକ୍ତି ପକ୍ଷେ ଏହା ବିଧେୟ ଯ, ସେ ପ୍ରତ୍ୟେକ ସ୍ଥାନରେ ଅବସ୍ଥା ଅନୁକୂଳ ଲାଭାନ୍ୱିତ ହେଉ । କାରଣ ଏହା ଦ୍ୱାରା ମନୁଷ୍ୟର ଆଧ୍ୟାତ୍ମିକ ଉନ୍ନତି ଘଟିଥାଏ । କେଉଁ ଆଦେଶାବଳୀ ତା' ପକ୍ଷେ କରଣୀୟ ଏବଂ କେଉଁ ଆଦେଶାବଳୀଗୁଡ଼ିକ ତା' ପାଇଁ ଅକରଣୀୟ ତାହାକୁ ନିଜ ପାଇଁ ପ୍ରଣୀତ କରିଥାଏ । ଅର୍ଥାତ ଅଲ୍ଲାଃତାଲା ବିଶ୍ୱାସକାରୀଙ୍କୁ ଯେଉଁ ସବୁ ଅଦେଶାବଳୀ ପ୍ରଦାନ କରିଛନ୍ତି ସେ ତାହାଙ୍କ ଆଦେଶାବଳୀର ପାଳନ କରୁ ଏବଂ ତାହାଙ୍କ ଦ୍ୱାରା ବାରଣ କରାଯାଇଥିବା ଆଦେଶାବଳୀ ପ୍ରତି ଆଜ୍ଞା ପାଳନ ନକରିବା ପାଇଁ ଯଥା ସମ୍ଭବ ଚେଷ୍ଟା କରୁ । ଏହି ପୁଷ୍ପକୁ ମନୁଷ୍ୟ ପବିତ୍ର କୁରଆନ୍ ରୂପକ ଉଦ୍ୟାନରୁ ସଂଗ୍ରହ କରିବା ଉଚିତ ।

ହୁଜୁର ଅନୱର୍ ଅ.ବ କହିଲେ: ସାହାବାମାନେ ହଦିସ୍‌ଗୁଡ଼ିକୁ ପବିତ୍ର କୁରଆନ୍ ତୁଳନାରେ ନିକୃଷ୍ଟତର ତଥା ହୀନ ବୋଲି ମନେ କରୁଥିଲେ । ତେଣୁ ଏକଥା ମନେରଖ ! ଯେ, ହଦିସ୍‌ଗୁଡ଼କ ପରବର୍ତ୍ତୀ ସମୟରେ ଏକତ୍ରିତ ହୋଇଛି । କିନ୍ତୁ ବେଳେବେଳେ କେତେକ ସାହାବାମାନେ ହଦିସ୍‌ଗୁଡ଼ିକୁ ଲେଖି ନେଉଥିଲେ । ଏକଦା ହ. ଉମର୍ ର.ଅଙ୍କୁ କୌଣସ ପ୍ରସଙ୍ଗରେ ନିର୍ଣ୍ଣୟ ଦେବାକୁ ଲାଗିଲେ, ସେତେବେଳେ ଜଣେ ବୃଦ୍ଧା ମହିଳା କହିବାକୁ ଲାଗିଲା, ହେ ଅମୀରୁଲ୍ ମୁମିନିନ୍ ! ହଦିସ୍‌ରେ ତ' ଅମକ କଥା ଉଲ୍ଲେଖ ରହିଛି । କିନ୍ତୁ ଆପଣ ର.ଅ କହିଲେ, ଜଣେ ବୃଦ୍ଧା ମହିଳା ପାଇଁ ମୁଁ ଈଶ୍ୱରଙ୍କ ଦ୍ୱାରା ଅବତୀର୍ଣ୍ଣ ହୋଇଥିବା ପୁସ୍ତକକୁ ପରିତ୍ୟାଗ କରିପାରିବି ନାହିଁ । ସୁତରାଂ ହ. ମସିହ୍ ମଉଦ୍ ଅ.ସ କହିଲେ, ଆମମାନଙ୍କୁ ଏହି ବାସ୍ତବତାକୁ ଅବଲମ୍ବନ କରିବା ଉଚିତ । ଯଦି ଏହିପରି ହେଉ ନାହିଁ ତେବେ ବିଦ୍‌ଅତ୍ (ନୂତନ ଆହୃତ ରୀତି) ବ୍ୟାପିବାର ଯଥେଷ୍ଟ ସମ୍ଭାବନା ରହିଛି । ସମ୍ପ୍ରତି ମୁସଲମାନମାନଙ୍କ ମଧ୍ୟରେ ବିଦ୍‌ଆତ୍ ପରିବ୍ୟାପ୍ତ ହେବାର ମୁଖ୍ୟ କାରଣ ଏହା ଅଟେ ଯେ, ସେମାନେ ପବିତ୍ର କୁରଆନ୍ ଉପରେ କାର୍ଯ୍ୟାନୁସରଣ କରୁ ନାହାନ୍ତି । ଫଳତଃ ଏହି ବିଦ୍‌ଆତ୍ ହିଁ ମୁସଲମାନମାନଙ୍କୁ ପବିତ୍ର କୁରଆନ୍‌ର ପ୍ରକୃତ ଶିକ୍ଷା ଠାରୁ ଦୂରେଇ ଦେଇଛି । ଅଧିକାଂଶ ସାଧାରଣ ମୁସଲମାନମାନେ ନିରକ୍ଷର ଅଟନ୍ତି । ନାମକୁ ମାତ୍ର ବିଦ୍ୱାନ୍‌ମାନେ ମୁସଲମାନମାନଙ୍କୁ ଯେଉଁ ମାର୍ଗ ଆଡ଼କୁ ନେଇ ଯାଉଛନ୍ତି ସେହି ମାର୍ଗରେ ସେମାନେ ଅଗ୍ରସର ହୁଅନ୍ତି । ଫଳତଃ ସେମାନଙ୍କ ମଧ୍ୟରେ ବିଦଆତ୍ ସ୍ଥାନ ପାଇଥାଏ । କିନ୍ତୁ ଏସବୁ ସତ୍ତ୍ୱେ ଆମମାନଙ୍କ ପକ୍ଷେ ଏହା ଅନିର୍ବାର୍ଯ୍ୟ ଯେ, ଆମ ଅହେମଦିମାନଙ୍କ ଉପରେ ଯେଉଁ ଆରୋପ ଲଗାଯାଏ ଯେ, ଆମେମାନେ କୁଆଡ଼େ ପବିତ୍ର କୁରଆନ୍‌କୁ ପରିବର୍ତ୍ତନ କରୁଛୁ । ହ. ମସିହ୍ ମଉଦ୍ ଅ.ସ କୁହନ୍ତି, ମୁସଲମାନମାନେ ଯେପର୍ଯ୍ୟନ୍ତ କୁରଆନ୍‌ର ସଂପୂର୍ଣ୍ଣ ରୂପେ ଅନୁକରଣ କରି ନେଇ ନାହାନ୍ତି ସେପର୍ଯ୍ୟନ୍ତ କୌଣସି ପ୍ରକାରର ଉନ୍ନତି କରିପାରିବେ ନାହିଁ । ଆପଣ ଅ.ସ ପୁନଶ୍ଚ କୁହନ୍ତି ଯେ, ପବିତ୍ର କୁରଆନ୍ ହେଉଛି ମାଣିକ୍ୟ ରତ୍ନର ଏକ ଥଳୀ ଏବଂ ଲୋକମାନେ ତହିଁରୁ ଅବଚେତନ ଅଟନ୍ତି । ବଡ଼ ଦୁଃଖ ଓ ପରିତାପର ବିଷୟ ଏହିକି ଯେ, ଲୋକମାନେ ଉତ୍ସାହ ଏବଂ ଉଦ୍ଦୀପନାର ସହିତ କୁରଆନ ପ୍ରତି ଧ୍ୟାନ ଦେଉ ନାହାନ୍ତି ।

ହ. ମସିହ୍ ମଉଦ୍ କୁହନ୍ତି, ପବିତ୍ର କୁରଆନ୍ ପୂର୍ଣ୍ଣ ପ୍ରାମାଣ୍ୟଭିତ୍ତିକ ଅଟେ । ପବିତ୍ର କୁରଆନ୍ ଏପରି କୌଣସି କଥା ବର୍ଣ୍ଣନା କରେ ନାହିଁ ଯାହା ସହିତ ସେ ଶକ୍ତି ଏବଂ ଦୃଢ ପ୍ରମାଣ ଉପସ୍ଥାପିତ କରି ନଥାଏ । ଯେପରିକି ପବିତ୍ର କୁରଆନ୍‌ର ଉଚ୍ଚ ଲାଳିତ୍ୟ ସମ୍ପନ୍ନ ବର୍ଣ୍ଣନାତ୍ମକ ଶୈଳୀ ଧାରଣ କରିଛି । ପବିତ୍ର କୁରଆନ୍‌ର ଶିକ୍ଷାରେ ଯେଉଁଭଳି ଔଚିତ୍ୟତା, ଯଥାଯଥତା, ଶୁଦ୍ଧତା, ଉତ୍ତମତା, ଶିଷ୍ଟତା, ମାଧୁର୍ଯ୍ୟତା ଏବଂ ଆକର୍ଷଣୀୟତା ରହିଛି ଠିକ୍ ସେହିପରି ପବିତ୍ର କୁରଆନ୍‌ର ପ୍ରମାଣଗୁଡ଼ିକ ଅତ୍ୟନ୍ତ ପ୍ରଭାବଶାଳୀ ଅଟେ । ଅତଏବ୍ ଅନ୍ୟ କୌଣସି ଧର୍ମଗ୍ରନ୍ଥ ପବିତ୍ର କୁରଆନ୍‌ର ମୁକାବିଲା କରିପାରିବ ନାହିଁ । ଯେତେବେଳେ ତୁମେମାନେ ପବିତ୍ର କୁରଆନ୍ ପାଠ କର ଏବଂ କୌଣସି ପ୍ରସଙ୍ଗ ତହିଁରେ ଅବଲୋକନ କର ସେତେବେଳେ ତୁମେ ସେହିଠାରେ ହିଁ ତା'ର ପ୍ରମାଣ ମଧ୍ୟ ସନ୍ଧାନ କରିବାକୁ ଚେଷ୍ଟା କର । ଆପଣ ଅ.ସ କୁହନ୍ତି, ଏକଥା ମନେରଖିବା ଉଚିତ ! ଆମେମାନେ ସେହି କୁରଆନ୍ ଉପସ୍ଥାପିତ କରୁ ଯେଉଁ କୁରଆନ୍‌କୁ ଦେଖି ଯାଦୁବିଦ୍ୟାର ଫସର ଫାଟି ଯାଇଥାଏ । ପବିତ୍ର କୁରଆନ୍ ସମ୍ମୁଖରେ ଅନ୍ୟ କୌଣସି ମିଥ୍ୟା ଓ ଇନ୍ଦ୍ରଜାଲ ତିଷ୍ଠି ପାରିବ ନାହିଁ । କୁରଆନ୍ ହେଉଛି ସେହି ଅସ୍ତ୍ର ଯେଉଁ ଅସ୍ତ୍ର ବିପକ୍ଷରେ କୌଣସି ମିଥ୍ୟା ତଥା ଅସତ୍ୟ ତିଷ୍ଠିବାକୁ ସାହାସ କରିବ ନାହିଁ । ଏହା ହେଉଛି ଆକାଶୀୟ ଅସ୍ତ୍ର ଯାହା କେବେବି ଦାଢହୀନ ହୋଇପାରିବ ନାହିଁ । ଅତଏବ ଆମମାନଙ୍କୁ ପବିତ୍ର କୁରଆନ୍ କରୀମ୍ ଉପରେ ଅଧିକରୁ ଅଧିକ ଧ୍ୟାନ କେନ୍ଦ୍ରିତ କରିବା ଉଚିତ । କାରଣ ଆମେମାନେ ନିଜର ଆଧ୍ୟାତ୍ମିକ ଏବଂ ଜ୍ଞାନଭିତ୍ତିକ ଅବସ୍ଥାକୁ ଉତ୍କୃଷ୍ଟରୁ ଉତ୍କୃଷ୍ଟତର କରିବାର ଆବଶ୍ୟକତା ରହିଛି । ଫଳତଃ ଆମେମାନେ ବିରୋଧୀମାନଙ୍କର ବିରୋଧକୁ ଖଣ୍ଡନ କରିବାରେ ସଫଳ ହୋଇପାରିବୁ ।

ହ. ମସିହ୍ ମଉଦ୍ ଅ.ସ କୁହନ୍ତି, ପବିତ୍ର କୁରଆନ୍ ହେଉଛି ଏକ ସମ୍ମାନଯୋଗ୍ୟ ଓ ସମ୍ମାନାସ୍ପଦ ଧର୍ମଗ୍ରନ୍ଥ । ଏହି ଗ୍ରନ୍ଥ ଜାତିମାନଙ୍କ ମଧ୍ୟରେ ସନ୍ଧିର ମୂଳଦୁଆ ସ୍ଥାପନ କଲା ଏବଂ ପ୍ରତ୍ୟେକ ଜାତିର ଲୋକମାନେ ଅବତାରମାନଙ୍କୁ ସ୍ୱୀକାର କରିନେଲେ। ସମସ୍ତ ସଂସାରରେ ଏହି ଗୌରବ କେବଳ ପବିତ୍ର କୁରଆନ୍‌କୁ ହିଁ ପ୍ରାପ୍ତ ହୋଇଛି ଯିଏ ଏହି ଶିକ୍ଷା ଦେଇଅଛି ଯେ, لَا نُفَرِّقُ بَيْنَ أَحَدٍ مِّنْهُمْ وَنَحْنُ لَهُ مُسْلِمُونَ ଅର୍ଥାତ ହେ ମୁସଲମାନମାନେ ! ତୁମେମାନେ ଏହା କୁହ ଯେ, ଆମେମାନେ ସଂସାରର ସମସ୍ତ ଅବତାରମାନଙ୍କ ଉପରେ ବିଶ୍ୱାସ ଆଣୁଛେ ଏବଂ ସେମାନଙ୍କ ମଧ୍ୟରେ କୌଣସି ପୃଥକତା ତଥା ପାର୍ଥକ୍ୟତା ସୃଷ୍ଟି କରୁ ନାହୁଁ । କହିବାର ତାତ୍ପର୍ଯ୍ୟ ଏହିକି ଯେ, କେତେକ ଅବତାରମାନଙ୍କୁ ଆମେମାନେ ସ୍ୱୀକାର କରୁଛେ ତ' ଆଉ କେତେକ ଅବତାରମାନଙ୍କୁ ଆମେମାନେ ପ୍ରତ୍ୟାଖ୍ୟାନ କରୁଛେ । ଆପଣ ଅ.ସ ଚ୍ୟାଲେଞ୍ଜେ ଦେଇ କହିଲେ, ଭୂପୃଷ୍ଠରେ ଯଦି ଏହିଭଳି କୌଣସି ପୁସ୍ତକ ରହିଛି ତେବେ ତା'ର ନାଁ ଉପସ୍ଥାପିତ କର । ଆପଣ ଅ.ସ କହିଲେ, ପବିତ୍ର କୁରଆନ୍ ହେଉଛି ଏହିଭଳି ଏକ ଧର୍ମଗ୍ରନ୍ଥ ଯାହାର ଆଦେଶାବଳୀର ଆଜ୍ଞାପାଳନ ଫଳରେ ଇହକାଳରେ ହିଁ ମୋକ୍ଷ ପ୍ରାପ୍ତିର ଲକ୍ଷଣ ପ୍ରକାଶ୍ୟ ହୋଇଯାଇଥାଏ । ପବିତ୍ର କୁରଆନ୍‌ର ବର୍ଣ୍ଣନାତ୍ମକ ଶୈଳୀ ଏଭଳି ପୂର୍ଣ୍ଣ, ବାସ୍ତବତା ଏବଂ ଗୂଢ ରହସ୍ୟ ସମ୍ପନ୍ନ ଯେ, ମର୍ତ୍ତ୍ୟମଣ୍ଡଳରେ ଯେଉଁଭଳି ସଂଶୟ, ଶଙ୍କା ଦେଖିବାକୁ ମିଳେ, ଯାହାକି ଲୋକମାନଙ୍କୁ ଈଶ୍ୱରଙ୍କ ପର୍ଯ୍ୟନ୍ତ ପହଞ୍ଚିବାରେ ବାଧକ ସାଜିଥାଏ, ସେହି ସମସ୍ତ ସଂଶୟ ଓ ଆଶଙ୍କାର ଖଣ୍ଡନ ଏବଂ ଉତ୍ତର ଔଚିତ୍ୟତା ତଥା ଶିଷ୍ଟତା ରୂପେ ପବିତ୍ର କୁରଆନ୍‌ରେ ମହଜୁଦ୍ ରହିଛି । ପବିତ୍ର କୁରଆନ୍ ହେଉଛି ବିଶ୍ୱାସଭିତ୍ତିକ ଏବଂ ଚୂଡ଼ାନ୍ତ ସିଦ୍ଧାନ୍ତଭିତ୍ତିକ ବାଣୀ ଏହା ସମସ୍ତ କୁଧାରଣାର ମଳିନତା ଠାରୁ ପବିତ୍ର ଅଟେ ।

ହ. ମସିହ୍ ମଉଦ୍ ଅ.ସ କହିଲେ, ଈଶ୍ୱର ପୂର୍ବେ ପୃଥକ ରୂପେ ପ୍ରତ୍ୟେକ ଜାତି ନିମନ୍ତେ ପୃଥକ ପୃଥକ କାର୍ଯ୍ୟପ୍ରଣାଳୀ ଏବଂ ଅବତାରମାନଙ୍କୁ ପ୍ରେରଣ କଲେ ଏବଂ ପୁନଶ୍ଚ ସେ ଏହି ଇଚ୍ଛା ପ୍ରକାଶ କଲେ ଯେ, ଯେପରି ସେ ହେଉଛନ୍ତି ସମସ୍ତ ଜାତିର ଏକ ପରମେଶ୍ୱର, ଠିକ୍ ସେହିପରି ସେହି ଜାତିମାନେ ମଧ୍ୟ ଏକ ହୋଇ ଯାଆନ୍ତୁ । ଅତଃ ସମସ୍ତ ଜାତିକୁ ଏକତ୍ରିତ କରିବା ନିମନ୍ତେ ପବିତ୍ର କରୁଆନ୍ ଭଳି ଏକ ଗ୍ରନ୍ଥ ପ୍ରେରଣ କଲେ । କୁରଆନ୍ ପୂର୍ବ ଧର୍ମଗ୍ରନ୍ଥ ଓ ନବୀମାନଙ୍କ ଉପରେ ଯେଉଁ ଉପକାର ସାଧନ କରିଛି ତାହା ଏହିପରି ଯେ, ପବିତ୍ର କୁରଆନ୍ ପୂର୍ବ ଧର୍ମ ଗ୍ରନ୍ଥମାନଙ୍କର ଶିକ୍ଷାକୁ ଘଟଣାବଳୀ ଆକାରରେ ବର୍ଣ୍ଣନା କରି ତାହାକୁ ଜ୍ଞାନର ରୂପ ଦେଇଛି । ଯେପର୍ଯ୍ୟନ୍ତ ଜଣେ ବ୍ୟକ୍ତି କୁରଆନ୍‌କୁ ପାଠ କରି ନନେଇଛି ସେପର୍ଯ୍ୟନ୍ତ କୌଣସ ବ୍ୟକ୍ତି ବି ସେହି ଘଟଣାବଳୀରୁ ମୋକ୍ଷ ପ୍ରାପ୍ତ କରିପାରିବ ନାହିଁ । ଯେଉଁ ବ୍ୟକ୍ତିମାନେ ପବିତ୍ର କୁରଆନ୍ ପାଠ କରନ୍ତି ଏବଂ ତାହାର ଘଟଣାବଳୀଗୁଡ଼ିକୁ ଗଳ୍ପ ବୋଲି ବିବେଚିତ କରନ୍ତି ତେବେ ସେହି ବ୍ୟକ୍ତିମାନେ କୁରଆନ୍ କରୀମ୍ ପ୍ରତି ଅସମ୍ମାନ ପ୍ରଦର୍ଶନ କରିଛନ୍ତି। ଆମର ବିରୋଧୀମାନେ ଆମର ବିରୋଧରେ ଏଇଥିପାଇଁ ବ୍ୟଗ୍ର ଓ ଉଗ୍ର ଯେ, ଆମେମାନେ ସଂସାରବାସୀଙ୍କୁ ଏହା ଦେଖାଇ ଦେବାକୁ ଚାହୁଁଛୁ ଯେ, କୁରଆନ୍ ହେଉଛି ସଂପୂର୍ଣ୍ଣ ଆଲୋକ, ବ୍ରହ୍ମଜ୍ଞାନ ସମ୍ପନ୍ନ ଓ ନିଗୂଢ ରହସ୍ୟଭିତ୍ତିକ ଧର୍ମଗ୍ରନ୍ଥ । ଅଲ୍ଲାଃତାଲା ନିଜ କୃପାରୁ ଆମମାନଙ୍କ ଉପରେ ଏହା ଉଦ୍‌ଘାଟିତ କରି ଦେଇଛନ୍ତି ଯେ, ପବିତ୍ର କୁରଆନ୍ ହେଉଛି ଏକ ଜୀବନ୍ତ ଓ ଜାଜ୍ୱଲ୍ୟମାନ ଧର୍ମଗ୍ରନ୍ଥ । ଏଣୁ ଆମେମାନେ ସେହି ବିରୋଧୀମାନଙ୍କର ବିରୋଧକୁ କାହିଁକି ଭୃକ୍ଷେପ କରିବୁ ?

ହ. ମସିହ୍ ମଉଦ୍ ଅ.ସ କୁହନ୍ତି ପବିତ୍ର କୁରଆନ୍‌ରେ ଏଭଳି ମହାନୁଭବମୂଳକ ଭବ୍ୟ ଜ୍ଞାନ ବର୍ଣ୍ଣିତ ହୋଇଛି ଯେଉଁ ଭବ୍ୟତାମୂଳକ ଜ୍ଞାନକୁ ତୌରାତ୍ ଓ ଇଞ୍ଜିଲ୍‌ରେ ଖୋଜିଲେ ମଧ୍ୟ ନିଜର ଶ୍ରମ ବୃଥା ଯିବ । କାରଣ ଅଲ୍ଲାଃତାଲାଙ୍କ ବାଣୀର ସୌନ୍ଦର୍ଯ୍ୟ ସଂକ୍ରାନ୍ତରେ ଆମେମାନେ ଅବଗତ ହୋଇପାରିବୁ । ଆପଣ ଅ.ସ କୁହନ୍ତି ଯେ, ପବିତ୍ର କୁରଆନ୍‌ରେ ପ୍ରାରମ୍ଭରୁ ଶେଷ ଯାଏ କରଣୀୟ ଓ ଅକରଣୀୟ ଅଦେଶାବଳୀର ବିସ୍ତୃତ ବିବରଣୀର ଉଲ୍ଲେଖ ରହିଛି । ଅତଏବ୍ କୁରଆନ୍‌କୁ ଆବୃତ୍ତି କଲାବେଳେ ଉପରୋକ୍ତ କରଣୀୟ ଓ ଅକରଣୀୟ ଆଦେଶାବଳୀଗୁଡ଼ିକୁ ସନ୍ଧାନ କରିବା ଉଚିତ ଏବଂ ସେଗୁଡ଼ିକୁ ନିଜ ଜୀବନର ଏକ ଅଭିନ୍ନ ଅଙ୍ଗ ରୂପେ ଗ୍ରହଣ କରିନେବା ଉଚିତ । ଏପରି କରିବା ଫଳରେ ଆମେମାନେ ଈଶ୍ୱରଙ୍କ ଦ୍ୱାରା ଅବତୀର୍ଣ୍ଣ ଗ୍ରନ୍ଥ ପବିତ୍ର କୁରଆନ୍‌ରୁ ଉପକୃତ ହୋଇପାରିବା । ପବିତ୍ର କୁରଆନ୍‌ରେ ସବୁକିଛି ଉଲ୍ଲେଖ ରହିଛି କିନ୍ତୁ ଯେପର୍ଯ୍ୟନ୍ତ ତୁମମାନଙ୍କ ମଧ୍ୟରେ ସେହି ଦୃଷ୍ଟି ଶକ୍ତି ଉତ୍ପନ୍ନ ହୋଇଯାଇ ନାହିଁ ସେପର୍ଯ୍ୟନ୍ତ ତୁମେମାନେ କିଛି ବି ପ୍ରାପ୍ତ କରିପାରିବ ନାହିଁ ।

ହ. ମସିହ୍ ମଉଦ୍ ଅ.ସ କହିଲେ, ପବିତ୍ର କରୁଆନ୍ ହେଉଛି ବ୍ରହ୍ମଜ୍ଞାନ ସମ୍ପନ୍ନ ଗନ୍ତାଘର । ସଂସାର ଜଗତର ସକଳ କଲ୍ୟାଣ ତହିଁରେ ନିହିତ ରହିଛି । ଏଇଥି ପାଇଁ ଅଲ୍ଲାଃତାଲା ନିଜର ନବୀଶ୍ରେଷ୍ଠ ତଥା ନବୀ ଶିରୋମଣି ହ. ମୁହମ୍ମଦ ସ.ଅଙ୍କୁ ପ୍ରେରଣ କଲେ ଏବଂ ନିଜର ଶେଷ ଐଶୀ ଧର୍ମଗ୍ରନ୍ଥ ପବିତ୍ର କୁରଆନ୍ ଅବତୀର୍ଣ୍ଣ କଲେ । କାରଣ ସଂସାରବାସୀ ତାହାର ପ୍ରଭାବରୁ ପରିଚିତ ହୋଇ ଉଦ୍ଧାର ପାଆନ୍ତୁ । ଅତଃ ପ୍ରତ୍ୟେକ ଅହେମଦିର ଏହା ମଧ୍ୟ ସର୍ବାଦୌ କର୍ତ୍ତବ୍ୟ ଯେ, ଯେଉଁଠି ସେମାନେ କରୁଆନୀୟ ଶିକ୍ଷା ଅନୁଯାୟୀ ନିଜର ଚାରିତ୍ରିକ ଅବସ୍ଥାଖୁ ଶୃଙ୍ଖଳିତ କରିବା ପାଇଁ ଉଦ୍ୟମ କରିବାର ଆବଶ୍ୟକତା ରହିଛି ସେଠାରେ ସଂସାରବାସୀଙ୍କୁ ମଧ୍ୟ ଏହି ଶିକ୍ଷା ସହିତ ଅବଗତ କରାଇ ସେମାନଙ୍କୁ ଆଧ୍ୟାତ୍ମିକ ଓ ବସ୍ତୁବାଦୀର ଅପକାରିତା ତଥା ବିନାଶରୁ ରକ୍ଷା କରନ୍ତୁ । ପବିତ୍ର କରୁଆନ୍ ହେଉଛି ଚୂଡ଼ାନ୍ତ ଓ ସିଦ୍ଧାନ୍ତଭିତ୍ତିକ ସର୍ବଶ୍ରେଷ୍ଠ ପୁସ୍ତକ । ମୋର ଏହି ଧର୍ମମତ ରହିଛି ଯେ, ଆଁହଜରତ ସ.ଅ ଯାହାକିଛି କରି ଦେଖାଇ ଯାଇଛନ୍ତି ଏବଂ କୁରଆନ୍ ଯେଉଁସବୁ  ଶିକ୍ଷା ପ୍ରଦାନ କରିଛି ତାହାକୁ ବାଦ୍‌ଦେଲେ ମୋକ୍ଷ ପ୍ରାପ୍ତି କଦାପି ସମ୍ଭବପର ନୁହେଁ । ବଡ଼ ଦୁଃଖ ଓ ପରିତାପର ବିଷୟ ଏହିକି ଯେ, ଉକ୍ତ କଥାକୁ ସାଧାରଣ ମୁସଲମାନମାନେ ମଧ୍ୟ ହୃଦୟଙ୍ଗମ କରି ନିଅନ୍ତେ କି ? ସେମାନେ ଯୁଗାବତାର ତଥା ଧର୍ମାଧ୍ୟକ୍ଷ ହ. ମସିହ୍ ମଉଦ୍ ଅ.ସଙ୍କୁ ଚିହ୍ନି ନିଅନ୍ତୁ ।

ଖୁତ୍‌ବାର ଶେଷରେ ହୁଜୁର ଅନଓ୍ୱର୍ ଅ.ବ ଜମାଆତ୍‌ର ସଦସ୍ୟବୃନ୍ଦଙ୍କୁ ପାକିସ୍ତାନ, ବୁର୍କିନାଫାସୋ ଏବଂ ବାଂଲାଦେଶର ଅହେମଦିମାନଙ୍କ ନିମନ୍ତେ ଦୁଆ କରିବା ପାଇଁ ଆହ୍ୱାନ ଜଣାଇଲେ । ହୁଜୁର ଅନଓ୍ୱର୍ ଅ.ବ କହିଲେ, ପାକିସ୍ତାନର ଅହେମଦିମାନଙ୍କ ପାଇଁ ଏବଂ ଦେଶର ସାମୂହିକ ପରିସ୍ଥିତି ନିମନ୍ତେ ମଧ୍ୟ ପ୍ରାର୍ଥନା କରନ୍ତୁ । ବୁର୍କିନାଫାସୋର ଅହେମିଦମାନଙ୍କ ନିମନ୍ତେ ଓ ଦେଶରେ ସାମୂହିକ ପରସ୍ଥିତି ପାଇଁ ମଧ୍ୟ ପ୍ରାର୍ଥନା କରନ୍ତୁ । ସେହିପରି ବାଂଲାଦେଶର ଅହେମଦିମାନଙ୍କ ପାଇଁ ମଧ୍ୟ ପ୍ରାର୍ଥନା କରନ୍ତୁ । ଅଲ୍ଲାଃତାଲା ସେମାନଙ୍କୁ ପ୍ରତ୍ୟେକ ବିପଦ ଓ ଉପଦ୍ରବରୁ ସୁରକ୍ଷିତ ରଖନ୍ତୁ । ଆଜି ସେଠାରେ ପୁଣିଥରେ ମୌଲବୀମାନେ ହଟ୍ଟଗୋଳ କରିବାର ଯୋଜନା କରିଥିଲେ । ପୃଥିବୀର ପ୍ରତ୍ୟେକ ଦେଶରେ ଯେଉଁଠି ଯେଉଁଠି ହେମଦିମାନେ ବାସ କରୁଛନ୍ତି ସେମାନଙ୍କ ପାଇଁ ମଧ୍ୟ ପ୍ରାର୍ଥନା କରନ୍ତୁ । ରମ୍‌ଜାନ ପ୍ରସଙ୍ଗରେ ବିଶେଷ ରୂପେ ଦୁଆ କରିବା ପ୍ରତି ଧ୍ୟାନ ଆକର୍ଷଣ କରି ହୁଜୁର ଅନଓ୍ୱର୍ ଅ.ବ କହିଲେ, ବର୍ତ୍ତମାନ କିଛିଦିନ ପରେ ରମ୍‌ଜାନ ମାସ ଆରମ୍ଭ ହେବାକୁ ଯାଉଛି, ଯେପରିକି ମୁଁ କହିଥିଲି ଉକ୍ତ ମାସରେ ବିଶେଷ ରୂପେ କୁରଆନ୍ ପାଠ କରିବା ଏବଂ ହୃଦୟଙ୍ଗମ କରିବା ପ୍ରତି ଧ୍ୟାନ ଦେଇ ଦୁଆ କରିବା ପ୍ରତି ବିଶେଷ ରୂପେ ଧ୍ୟାନ ଦିଅନ୍ତୁ । ଏଥି ନିମନ୍ତେ ଅଲ୍ଲାଃତାଲା ଆମ ସମସ୍ତଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ଏବଂ ରମ୍‌ଜାନ ମାସରୁ ଲାଭାବାନ ହେବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

---

**ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈ ଓ ନଉଜୁ ବିଲ୍ଲାହି ମିନ୍ ଶୁରୁରି ଅନ୍‌ଫୁସିନା ଓମିନ୍ ସଇଆତି ଆମାଲିନା ମଇଁ ୟହ୍‌ଦିହିଲ୍ଲାହୁ ଫଲା ମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ଓନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓରସୁଲୁହୁ । ଇବାଦଲ୍ଲାହି ରହିମକୁମୁଲ୍ଲାହି ଇନ୍ନଲ୍ଲାହା ୟାମୁରୁ ବିଲ୍ ଅଦ୍‌ଲେ ଓଲ୍ ଇହ୍‌ସାନି ଓଇତାଇଜିଲ୍ କୁର୍‌ବା ଓୟନ୍‌ହା ଅନିଲ୍ ଫହ୍‌ଶାଇ ଓଲ୍ ମୁନ୍‌କରି ଓଲ୍ ବଗ୍‌ଇ ୟଇଜୁକୁମ୍ ଲାଅଲ୍‌ଲକୁମ୍ ତଜକ୍ କରୁନା ଉଯ୍‌କୁରୁଲ୍ଲାହ୍ ୟଜ୍‌କୁରୁକୁମ୍ ଓଦ୍‌ଓହୁ ୟସ୍‌ତଜିବ୍ ଲକୁମ୍ ଓଲଜିକ୍‌ରୁଲ୍ଲାହି ଅକ୍‌ବର୍ ।**

.......................................

KHULASA KHUTBA JUMA HUZOOR ANWAR a.b.a
17th Mar. 2023